## ସଂକ୍ଷେପରେ

### ପଦ୍ମନାଭପୁରରେ ୫ ପଜିଟିଭ,ଶଟଡାଉନ୍ ଘୋଷଣା

ଦିଗପହଣ୍ଡି,୨୦।୭(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗାଁର ୫ ବ୍ୟକ୍ତି ପଜିଟିଭ ଚିହ୍ନଟ ନେଇ ରିପୋର୍ଟ ମିଳିବା ପରେ ସମଗ୍ର ଗାଁକୁ ସ୍ଥାନୀୟ ପ୍ରଶାସନ ଅନୁମତିକ୍ରମେ ସରପଞ୍ଚ ରବିବାର ସନ୍ଧ୍ୟାରୁ ୧୨ ଦିନ ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ସନ୍ଧ୍ୟାରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ସାମାଜିକ ଦୂରତା ରକ୍ଷା ପୂର୍ବକ ଆୟୋଜିତ ବୈଠକରେ ବ୍ୟବସାୟୀ, ସାମାଜିକ କର୍ମୀ, କର୍ମଚାରୀ, ୱାର୍ଡ ସଭ୍ୟଙ୍କ ସର୍ବସମ୍ମତି ନିଷ୍ପତ୍ତିକ୍ରମେ ଶଟଡାଉନ୍ ପ୍ରସ୍ତାବ ଗୃହୀତ ହୋଇଛି। ସେ ଏନେଇ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସହ ଆଲୋଚନା କରିଥିବା କହିଛନ୍ତି। ଶଟଡ଼ାଉନ୍ ସମୟରେ ଜରୁରୀ ସେବା ଯୋଗାଉଥିବା ସଂସ୍ଥା ବ୍ୟତୀତ ସମସ୍ତ ଦୋକାନ ବଜାର ବନ୍ଦ ରହିବ। ଅବମାନନା କଲେ ରେଡକ୍ରସ ପାଣ୍ଠି ନିମନ୍ତେ ଜରିମାନା ଆଦାୟ କରାଯିବ। ପୂର୍ବରୁ ଗାଁରେ ୫ ପଜିଟିଭ ଚିହ୍ନଟ ହୋଇଥିଲେ। ଜୁନ ୨୫ ତାରିଖରୁ ୨ ଟି ପର୍ଯ୍ୟାୟରେ ଗାଁକୁ ସମ୍ପୂର୍ଣ୍ଣ ଶଟଡାଉନ୍ ଘୋଷଣା କରାଯାଇଥିଲା।

### ଲକ୍‌ଡାଉନ୍ କଟକଣା ଉଲ୍ଲଂଘନ ୭୦ ହଜାର ଜରିମାନା ଆଦାୟ

ବ୍ରହ୍ମପୁର ଅଫିସ,୨୦।୭-ଗଞ୍ଜାମ ଜିଲାରେ କରୋନା ସଂକ୍ରମିତ ସଂଖ୍ୟା ସହିତ ମୃତ୍ୟୁହାର ମଧ ଦିନକୁ ଦିନ ଏବେ ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ ଲକ୍‌ଡାଉନ୍ ଓ ଶଟଡାଉନ୍ କଟକଣାକୁ ଜୋରଦାର କରାଯାଇଛି। ହେଲେ ଏହି ସମୟରେ ବ୍ରହ୍ମପୁର ପୋଲିସ ଜିଲାରେ ଅଯଥାରେ ଘୂରି ବୁଲୁଥିବା ଅମାନିଆଙ୍କୁ ପୋଲିସ ଅଟକାଇ ଯାଞ୍ଚ କରିବା ସହ ସେମାନଙ୍କଠାରୁ ଜରିମାନା ଆଦାୟ କରିଛି। ଏପରିକି ଜନସାଧାରଣଙ୍କୁ ମାସ୍କ ପିନ୍ଧିବାକୁ ନିର୍ଦ୍ଦେଶ ଦିଆଯିବା ସହ ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏଭଳି କଡା ନିର୍ଦ୍ଦେଶ ସତ୍ତ୍ୱେ ମଧ ଲୋକମାନେ ନିୟମ ଉଲ୍ଲଂଘନ କରି ସହରରେ ଘୂରିବୁଲୁଛନ୍ତି। ଫଳରେ ପୋଲିସ ବାଧ ହୋଇ ସେମାନଙ୍କଠାରୁ ଜରିମାନା ଆଦାୟ କରୁଛି। ରବିବାର ସକାଳ ୬ ଟାରୁ ସୋମବାର ସକାଳ ୬ଟା ସୁଦ୍ଧା ପୋଲିସ ପକ୍ଷରୁ ବିଭିନ୍ନ ଛକରେ ଚେକିଂ କରି ମାସ୍କ ପିନ୍ଧି ନ ଥିବା ୩୪୯ ଜଣଙ୍କଠାରୁ ୬୯ ହଜାର ୮ଶହ ଟଙ୍କା ଜରିମାନା ଆଦାୟ କରିଛି। ସେହିପରି ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ୧୩୧ଗାଡି ଚାଳକଙ୍କୁ ୬୫ ହଜାର ୫ ଶହ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ସେହିପରି ବେଆଇନ ମଦ ବିକ୍ରି କରୁଥିବା ବେଳେ ପୋଲିସ ପୃଥକ୍ ଭାବେ ୨ ଅବକାରୀ ମାମଲାରେ ୨ ଜଣ ଲୋକଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪୫ ଲିଟର ମଦ ଜବତ କରାଯାଇଛି। ଏନେଇ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଟୁଇଟ ଜରିଆରେ ସୋମବାର ସୂଚନା ଦେଇଛନ୍ତି।

### ଦେଶୀ ମଦ ଜବତ, ୪ ଗିରଫ

ଖଲ୍ଲିକୋଟ,୨୦।୭(ଡି.ଏନ.ଏ.)-ଖଲ୍ଲିକୋଟ ବ୍ଲକ ସମଲ ଗ୍ରାମ ରାସ୍ତାରୁ ରବିବାର ବିଳମ୍ବିତ ରାତିରେ ପୋଲିସ ଚଢ଼ାଉ କରି ୧୨୫୦ ଲିଟର ଦେଶୀ ମଦ ବୋଝେଇ ହୋଇଯାଉଥିବା ଏକ ଅଟୋ ଏବଂ ଦୁଇଟି ବାଇକ୍ ଜବତ କରିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ଏହି ବ୍ଲକ ଅନ୍ତର୍ଗତ ଗୁହାରିଆପାଟ ଗ୍ରାମରୁ ସମଲ ଗ୍ରାମ ଦେଇ ଉକ୍ତ ମଦ ପାରିକୁଦ ଯାଇଥାନ୍ତା। ଅବକାରୀ କେସ୍ ନଂ. ୨୯୪, ୨୯୫, ୨୯୬, ୨୯୭/୨୦୨୦ ମକଦ୍ଦମା ରୁଜୁ କରି ଗୁହାରିଆପାଟ ଗ୍ରାମର ପ୍ରମୋଦ ଜାନୀ, ବିଦେଶୀ ଜାନୀ, ଗୁରମପୁର ଗ୍ରାମର ବନବାସୀ ଶବର ଓ ସମଲ ଗ୍ରାମର ଗୋପାଳ ଜାଲି ଗିରଫ ହୋଇଛନ୍ତି। ନିକଟରେ ଏହି ମଦ କାରବାର ଯୋଗୁ ପଥରା ଗ୍ରାମରେ ଜଣେ ମୃତ ଓ ୪ ଗୁରୁତର ହୋଇଥିଲେ।

### ଘୁଡୁକାପଦର, ଗଡପଦର କଣ୍ଟେନମେଣ୍ଟ ଜୋନ୍

ଶଙ୍କରାଖୋଲ,୨୦।୭(ଡି.ଏନ୍.ଏ.)-ଚକାପାଦ ବ୍ଲକରେ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବାପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ଅନିଲ କୁମାର ପଟ୍ଟନାୟକ ସୋମବାର ଘୁଡୁକାପଦର ଓ ଗଡପଦରକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରଛନ୍ତି। ଏହି ୨ ଗ୍ରାମର ସମସ୍ତ ପ୍ରବେଶ ପଥକୁ ସିଲ କରାଯାଇଛି। ୨ ଆକ୍ରାନ୍ତ ଗଞ୍ଜାମ ଫେରନ୍ତା। ଏମାନଙ୍କଠାରେ କରୋନା ଲକ୍ଷଣ ଦେଖାଯିବା ପରେ ବ୍ରାହ୍ମଣପାଦ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାବ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବାରୁ ଉଭୟଙ୍କୁ ଜିଲା କୋଭିଡ ହସ୍ପିଟାଲକୁ ପଠାଯାଇଛି ।

# ବିଏମ୍‌ସିର ତ୍ରିସ୍ତରୀୟ ମନିଟରିଂ ବ୍ୟବସ୍ଥା ଆରମ୍ଭ

ବ୍ରହ୍ମପୁର ଅଫିସ,୨୦।୭

**■ଖୋଲିଲା ସ୍ୱତନ୍ତ୍ର କଲ୍ ସେଣ୍ଟର**
**■ସ୍ୱାସ୍ଥ୍ୟ ମନିଟରିଂ କଲେ ଭଲ୍ୟୁଣ୍ଟର**

ବ୍ରହ୍ମପୁରରେ କରୋନା ସ୍ଥିତି ମୁକାବିଲା ପାଇଁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ତ୍ରିସ୍ତରୀୟ ମନିଟରିଂ ବ୍ୟବସ୍ଥା ଆରମ୍ଭ ହୋଇଛି। ଏନେଇ ବିଏମ୍‌ସି କାର୍ଯ୍ୟାଳୟରେ ସ୍ୱତନ୍ତ୍ର କଲ୍‌ସେଣ୍ଟର ଆରମ୍ଭ ହୋଇଛି। ଏଥିରେ ୧୬ ଭଲ୍ୟୁଣ୍ଟରଙ୍କୁ ନିୟୋଜିତ କରାଯାଇଛି। ଭଲ୍ୟୁଣ୍ଟରମାନଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ୮୬୧୮ କୋମରବିଡ୍‌ସ୍(ମୃତ୍ୟୁ ହେବାର ଆଶଙ୍କା ରହିଥିବା ବ୍ୟକ୍ତି)ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ କରୋନାରୁ ରକ୍ଷା ପାଇବା ଦିଗରେ ସଚେତନତା ଅବଲମ୍ବନ କରିବା ଦିଗରେ ଅବଗତ କରାଯାଉଥିବା ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୋମବାର ଟୁଇଟ୍ ଦ୍ୱାରା ସୂଚାଇଛନ୍ତି। ଏଥିସହ କୋଭିଡ୍ ମନିଟର ତଥା ସ୍ୱଚ୍ଛସାଥୀଙ୍କ ଦ୍ୱାରା କୋମରବିଟ୍ ବ୍ୟକ୍ତିଙ୍କ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ମଧ ଆରମ୍ଭ ହୋଇଥିବା କମିଶନର ଟୁଇଟ୍‌ରେ ସୂଚାଇଛନ୍ତି। ଏହାବ୍ୟତିତ ବର୍ତ୍ତମାନ ସହରରେ ୧୪୬କରୋନା ସଂକ୍ରମିତ ବ୍ୟକ୍ତି ହୋମ ଆଇସୋଲେଶନରେ ରହିଛନ୍ତି । ହୋମ ଆଇସୋଲେଶନ ଓ ଇନ୍‌ଷ୍ଟିଚ୍ୟୁଶନାଲ ଆଇସୋଲେଶନରେ ରହିଥିବା ଏହି ସଂକ୍ରମିତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ମନିଟରିଂ କରିବା ପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ୮ ଜଣିଆ ଡାକ୍ତର ଟିମ୍ ନିୟୋଜିତ ହୋଇଥିବା ମଧ ବିଏମ୍‌ସି ପକ୍ଷରୁ ସୂଚାଯାଇଛି ।




ବିଏମସି କମିଶନରଙ୍କ ଟୁଇଟ୍ ।

## ସିଟି ହସ୍ପିଟାଲରେ ଟେଲି ମେଡିସିନ୍ ସେବା

ବ୍ରହ୍ମପୁର ମହାନଗରର ଥଣ୍ଡା, କାଶ ତଥା ଅନ୍ୟାନ୍ୟ ରୋଗୀଙ୍କ ପାଇଁ ସିଟି ହସ୍ପିଟାଲରେ ଟେଲି ମେଡିସିନ ସେବା ସୋମବାରରୁ ଆରମ୍ଭ ହୋଇଛି। କରୋନା ସଂକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ସାଧାରଣ, ଜ୍ୱର, ଥଣ୍ଡା, କାଶ ତଥା ଅନ୍ୟ ରୋଗୀଙ୍କ ପାଇଁ ଓପିଡି ବନ୍ଦ ରହିଥିବା ବେଳେ ଚିକିତ୍ସା ପାଇଁ ଆସୁଥିବା ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ବଡ ମେଡିକାଲ ଭଳି ସିଟି ହସ୍ପିଟାଲରେ ମଧ ଟେଲି ମେଡିସିନ ସେବା ଆରମ୍ଭ କରାଯାଇଛି । ଏଥିରେ ଭେଷଜ, ସ୍ତ୍ରୀ ରୋଗ, ଶଲ୍ୟ ଓ ଶିଶୁରୋଗ ସମ୍ପର୍କରେ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ଏବଂ ଅପରାହ୍ନ ୪ ଟାରୁ ରାତି ୮ଟା ପର୍ଯ୍ୟନ୍ତ ଟେଲିଫୋନ୍ ମାଧ୍ୟମରେ ଡାକ୍ତରଙ୍କ ପରାମର୍ଶ ନେଇ ପାରିବେ । ପ୍ରଥମ ପର୍ଯ୍ୟାୟରେ ସିଟି ହସ୍ପିଟାଲରେ ଯୋଗାଯୋଗ ପାଇଁ ୪ ଟେଲିଫୋନ୍ ନଂ. ଜାରି କରାଯାଇଛି ବୋଲି ବିଏମ୍‌ସି କମିଶନର ଟୁଇଟ୍ ମାଧ୍ୟମରେ ସୂଚାଇଛନ୍ତି। ଅନ୍ୟପକ୍ଷରେ ଏଥିସହ ସହରରେ ଦେୟଯୁକ୍ତ ଟେଲିମେଡିସିନ୍ ସେବା ମଧ ଶୁଭାରମ୍ଭ ହୋଇଥିବା ସେ ଟୁଇଟ୍ ମାଧ୍ୟମରେ ସୂଚନା ଦେଇଛନ୍ତି ।




ବିଏମ୍‌ସି କମିଶନରଙ୍କ ଟୁଇଟ୍।

## ପରିତ୍ୟକ୍ତ କୂଅରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

କବିସୂର୍ଯ୍ୟନଗର,୨୦।୭

କବିସୂର୍ଯ୍ୟନଗର ଏନ୍‌ଏସି ମହାମାୟୀ ବଜାର ମଧରେ ଥିବା ଏକ ପରିତ୍ୟକ୍ତ କୂଅରୁ ସୋମବାର ସକାଳେ ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ମାଳତୀ ମାଝି (୮୫)। ମାଳତୀ ଦୀର୍ଘ ୨୦ ବର୍ଷ ଧରି କବିସୂର୍ଯ୍ୟନଗର ଏନ୍‌ଏସିର ୮ ନଂ. ୱାର୍ଡରେ ନିଜ ଝିଅ ଘରେ ରହୁଥିଲେ। ଆଇ ନିଖୋଜ ଥିବା ନେଇ ନାତି ଗତଶୁକ୍ରବାର କବିସୂର୍ଯ୍ୟନଗର ଥାନାରେ ମୌଖିକ ଭାବେ ଜଣାଇଥିଲେ।କୂଅରେ ମୃତଦେହ ପଡ଼ିଥିବା ସୋମବାର ଖବର ପାଇବା ପରେ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। କରୋନା ଲାଗି ବଜାରକୁ ସିଲ କରି ଦିଆଯାଇଥିବା ବେଳେ ବୃଦ୍ଧା ଜଣକ କିପରି ସେଠାରେ ପହଞ୍ଚିଲେ ନା ତାଙ୍କୁ ମାରି ପକାଇ ଦିଆଯାଇଛି ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# କନ୍ଧମାଳରେ ଦିନକରେ ୪୪ ପଜିଟିଭ

**୨୫୦ ଛୁଇଁଲା ସଂକ୍ରମିତଙ୍କ ସଂଖ୍ୟା**

ଫୁଲବାଣୀ ଅଫିସ, ୨୦।୭

କନ୍ଧମାଳ ଜିଲାର ଫୁଲବାଣୀ ସହରକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି । ସହରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ଏପଟେ ଜିଲାରେ ଗୋଟିଏ ଦିନରେ ୪୪ ଜଣ ପଜିଟିଭ ଚିହ୍ନଟ ହୋଇଥିବା ସୋମବାର ସୂଚନା ଦିଆଯାଇଛି। ଏମାନଙ୍କୁ ମିଶାଇଲେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୫୦ ଛୁଇଁଛି । ଚିହ୍ନଟ ନୂଆ ସଂକ୍ରମିତଙ୍କ ମଧରେ ୨୮ ପୁରୁଷ ଓ ୧୬ ମହିଳା । ସେମାନଙ୍କ ମଧ୍ୟରୁ ୩୯ ଜଣ ଟିକାବାଲି କମ୍ୟୁନିଟି ସ୍ୱାସ୍ଥ୍ୟକେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ୩ ଜଣ ରାଇକିଆ କୋଭିଡ୍ କେୟାର ସେଣ୍ଟରରୁ, ଜଣେ ଦାରିଙ୍ଗବାଡ଼ି କୋଭିଡ୍ କେୟାର ସେଣ୍ଟରରୁ ଏବଂ ଅନ୍ୟ ଜଣେ କେନ୍‌ପାଙ୍କୁ ପ୍ରାଇମେରୀ ସ୍କୁଲ ସଂଗ୍ରହଣ କେନ୍ଦ୍ର ଗୁମାଗଡ଼ରୁ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ବୟସ ୮ରୁ ୭୦ ବର୍ଷ ମଧ୍ୟରେ ବୋଲି ଜଣାପଡ଼ିଛି। ତେବେ ସମସ୍ତ ସଂକ୍ରମିତ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଚିନ୍ତା ବଢ଼ିଛି।

ଗତ ୧୩ ତାରିଖରେ ଲୋକାଲ୍ କେସ୍ ହୋଇଥିବାରୁ ଟିକାବାଲି ବଜାର ସମେତ ତା'ର ଆଖପାଖର ୧୭ଟି କଲୋନି/ସାହିକୁ

## କାଳିଙ୍ଗାରେ ୨ ପଜିଟିଭ ଚିହ୍ନଟ, ପହଞ୍ଚିଲେ ଜିଲାପାଳ

ଜି.ଉଦୟଗିରି,(ଡି.ଏନ୍.ଏ.)

ଜି. ଉଦୟଗିରି ବ୍ଲକ କାଳିଙ୍ଗା ପଞ୍ଚାୟତରୁ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବାପରେ ତାରାବାଡ଼ି, ନଦୀସାହି ଓ ଅନ୍ୟ କିଛି ଅଞ୍ଚଳକୁ କଣ୍ଟେନମେଣ୍ଟ ଏବଂ କାଳିଙ୍ଗା ବଜାର ଛକ, ଡିଏଭି ଛକ ଆଦିକୁ ବଫରଜୋନ ଘୋଷଣା କରାଯାଇଛି। ଏସବୁ ଗ୍ରାମକୁ ସାନିଟାଇଜ କରାଯିବା ସହିତ କଣ୍ଟାକ୍ଟ ଟ୍ରେସିଂ ମଧ ଚାଲିଛି। ସୋମବାର କାଳିଙ୍ଗାରେ କନ୍ଧମାଳ ଜିଲାପାଳ ଡ଼. ବୃନ୍ଦା ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ତାଙ୍କ ସହିତ ଜି.ଉଦୟଗିରି ବିଡିଓ ଶାନ୍ତନୁ କୁମାର ନାୟକ ମଧ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କାଳିଙ୍ଗା ପଞ୍ଚାୟତ ଅଞ୍ଚଳର ୨ ଆକ୍ରାନ୍ତ ବାପା, ପୁଅଙ୍କ ଥଣ୍ଡା କାଶ ଲାଗି ରହିଥିଲା। ସେମାନେ ଟିକାବାଲି ହସ୍ପିଟାଲ ଯାଇ କରୋନା ପରୀକ୍ଷା କରାଇଥିଲେ। ରିପୋର୍ଟ ପଜିଟିଭ୍ ଆସିବାରୁ ଉଭୟଙ୍କୁ ଫୁଲବାଣୀ କୋଭିଡ ହସ୍ପିଟାଲକୁ ନିଆଯାଇଛି।



ଜିଲାପାଳ ଅନୁଧାନ କରୁଛନ୍ତି।

ଜିଲାପାଳ ଡା.ବୃନ୍ଦା ଡି. କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଥିଲେ । ଏହି ଅଞ୍ଚଳଗୁଡ଼ିକୁ ଲାଗିଥିବା ୧୦ ଗ୍ରାମକୁ ବଫର ଜୋନ୍ ଭାବେ ଘୋଷଣା କରାଯାଇଥିଲା। ଜିଲାରେ ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୧୯୯ ଜଣ ସୁସ୍ଥ ହୋଇ ଘରକୁ ଫେରଥିବା ବେଳେ ଅନ୍ୟ ୫୧ଜଣ ଚିକିତ୍ସାଧୀନ ଅଛନ୍ତି। ଜିଲାବାସୀ ଆତଙ୍କିତ ନ ହୋଇ କୋଭିଡ-୧୯ର ସମସ୍ତ ନିୟମ ପାଳନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି।

## ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

କାଶୀନଗର,୨୦।୭(ଡି.ଏନ୍.ଏ)

କାଶୀନଗର ଏନ୍‌ଏସିରେ ସୁଶ୍ରୀ ସତ୍ୟ ସମ୍ପୂର୍ଣ୍ଣା ଶତପଥୀ ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ସହ ଜିଲାପାଳ ଓ ଜିଲା ଆପତ୍ତିକାଳୀନ ଅଧିକାରୀ ଭାବେ ଦାୟିତ୍ୱରେ ଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କାଶୀନଗର ଏନଏସି ନିର୍ବାହୀ ଅଧିକାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟରେ ଯୋଗ ଦେବା ପରେ ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀଙ୍କ ସହ ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ଉପରେ ଆଲୋଚନା କରିଛନ୍ତି। ପରିମଳ ଓ ବିକାଶମୂଳକ କାର୍ଯ୍ୟକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି।

## ଶ୍ରମିକ ନେତାଙ୍କ ପରଲୋକ

ଆସିକା,୨୦।୭(ଡି.ଏନ୍.ଏ.)

ଆସିକାର ବରିଷ୍ଠ ଆଇନଜୀବୀ ତଥା ଶ୍ରମିକ ନେତା ପ୍ରଫୁଲ୍ଲ ରାଓ(୭୬)ଙ୍କ ସୋମବାର ଅପରାହ୍ନରେ ପରଲୋକ ଘଟିଛି । ସକାଳେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଆସିକା ଡାକ୍ତରଖାନାକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ଆବଶ୍ୟକ ପଡ଼ିବାରୁ ବ୍ରହ୍ମପୁର ବଡ ମେଡିକାଲ ପଠାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ହୃଦଘାତ ଜନିତ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତଦେହ ଆସିବା ପରେ ଆସିକା ଓକିଲ ସଂଘର ବହୁ ସଦସ୍ୟଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଖମ୍ବେଶ୍ୱରୀପାଟଣାସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଛାତ୍ରାବସ୍ଥାରୁ ନିଜକୁ ବାମପନ୍ଥୀ ଚିନ୍ତାଧାରାରେ ସାମିଲ କରି ପ୍ରଫୁଲ୍ଲ ଛାତ୍ର ସଂଗଠନର ନେତୃତ୍ୱ ନେଇଥିଲେ। ପରେ ଆସିକାରେ ଓକିଲାତିକୁ ପେଶା କରିଥିଲେ । ବିଭିନ୍ନ ଶ୍ରମିକ ସଂଗଠନ ସହ ସାମିଲ ହେବା ସହ ଏହାର ନେତୃତ୍ୱ ନେଇ ଆସିଥିଲେ।

## ଛତ୍ରପୁର: ୩ ଦିନରେ ୮୭ ପଜିଟିଭ୍ ଚିହ୍ନଟ



ସ୍ୱାସ୍ଥ୍ୟ ସ୍କ୍ରିନିଂ କରାଯାଉଛି ।

ଛତ୍ରପୁର,୨୦।୭(ଡି.ଏନ.ଏ.)

**ଆଉ ୨ ଗାଁ କଣ୍ଟେନମେଣ୍ଟ ଜୋନ୍**

ଛତ୍ରପୁର ସହର ଓ ବ୍ଲକ ଅଧୀନ ବିଭିନ୍ନ ଗ୍ରାମାଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସୋମବାର ଛତ୍ରପୁରରେ ୨୯ ପଜିଟିଭ ଚିହ୍ନଟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେମାନଙ୍କ ମଧରେ ଜଣେ କରୋନା ଯୋଦ୍ଧା ଏବଂ ୨୮ ଜଣ ସ୍ଥାନୀୟ ସଂକ୍ରମିତ। ଅନ୍ୟପକ୍ଷରେ ଗତ ୩ ଦିନ ମଧରେ ଛତ୍ରପୁର ସହର ଓ ଗ୍ରାମାଞ୍ଚଳରେ ମୋଟ ୮୭ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧରେ ୬ କରୋନା ଯୋଦ୍ଧା, ଟ୍ରାଭେଲ ହିଷ୍ଟ୍ରି ଥିବା ୭ ଜଣ ଏବଂ ଅନ୍ୟ ୭୪ ଜଣ ପଜିଟିଭଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ଏଥିରୁ ସ୍ଥିତି ଏକ ପ୍ରକାର ଅଣାୟତ୍ତ ଆଡ଼କୁ ଗତି କରୁଥିବା ଜଣାପଡୁଛି। ଏନ୍‌ଏସିରେ ୩ ଦିନ ହେଲା ଡାକ୍ତରୀ ଟିମ୍ ପ୍ରତି ଘରକୁ ଯାଇ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ କରୁଛନ୍ତି। ସୋମବାର ଛତ୍ରପୁର ଅଗ୍ନିଶମ ବାହିନୀ ପକ୍ଷରୁ ସ୍ଥାନୀୟ ବିଜ୍ଞାନ କଲେଜ ସ୍ୱାବ ସଂଗ୍ରହ କେନ୍ଦ୍ର ପରିସର ଓ ବାହାରେ, କଣ୍ଟେନମେଣ୍ଟ ଜୋନ୍, ଟିଏମ୍‌ସି, ଅଫିସ ବିଲ୍ଡିଂ, ହସ୍ପିଟାଲ ପରିସର, ମାର୍କେଟ ୟାର୍ଡକୁ ସାନିଟାଇଜ କରାଯାଇଥିବା ଏନ୍‌ଏସି ନିର୍ବାହୀ ଅଧିକାରୀ ଏନ. ଗଣେଶ ବାବୁ ସୂଚନା ଦେଇଛନ୍ତି। ଛତ୍ରପୁର ବ୍ଲକ ଅଧୀନ ବିପୁଲିଙ୍ଗି ଗାଁରେ ୯ ଜଣ ଓ କଟୁରୁ ଗାଁରେ ୪ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବିଡିଓ ଅମ୍ବିକା ପ୍ରସାଦ ଦାଶ ସୂଚନା ଦେଇଛନ୍ତି। ଉକ୍ତ ୨ ଗାଁକୁ କଣ୍ଟେନମେଣ୍ଟ ଜୋନ୍ ଏବଂ ତେଲାପଲି, କରାତଳି ଓ ଲୋକନାଥପୁର ଗାଁକୁ ବଫର ଜୋନ ଭାବେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଘୋଷଣା କରିଛନ୍ତି। ଉକ୍ତ ଅଞ୍ଚଳରେ କଣ୍ଟାକ୍ଟ ଟ୍ରେସିଂ, ଲକ୍ଷଣ ଥିବା ଲୋକଙ୍କୁ ଚିହ୍ନଟ କରିବା ସହ ଘରକୁ ଘର ଯାଇ ସ୍ୱାସ୍ଥ୍ୟ ସ୍କ୍ରିନିଂ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ବମକୋଇ ଗ୍ରାମ ଶଟ୍‌ଡାଉନ

ଦିଗପହଣ୍ଡି,୨୦।୭(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କେ. ନୂଆଗାଁ ଥାନା ଅର୍ନ୍ତଗତ ବମକୋଇ ଗ୍ରାମର ଜଣେ ବ୍ୟକ୍ତି ସୋମବାର ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାପୂର୍ବରୁ ବମକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ସମେତ କେତେଜଣ କର୍ମଚାରୀ ମଧ ସଂକ୍ରମିତ ହୋଇ ଚିକିତ୍ସିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସଂକ୍ରମଣ ଯେପରି ଅଧିକ ନ ବ୍ୟାପିବ ସେ ନେଇ ସ୍ଥାନୀୟ ସରପଞ୍ଚ ଉଷା ବାଡତ୍ୟା ଗ୍ରାମକୁ ଶଟ୍‌ଡାଉନ କରିବା ନିମନ୍ତେ ପ୍ରଶାସନକୁ ଅନୁରୋଧ କରିଥଲେ । ଅନୁମତି ମିଳିବା ପରେ ସୋମବାରଠାରୁ ରବିବାର ପର୍ଯ୍ୟନ୍ତ ଗ୍ରାମକୁ ଶଟ୍‌ଡ଼ାଉନ ଘୋଷଣା କରିଛନ୍ତି। ତେବେ ଜରୁରୀକାଳୀନ ସେବା ସହ ଅତ୍ୟାବଶ୍ୟକ ତେଜରାତି ଓ ପରିବା ଦୋକାନ ସରକାର ନିୟମ ଅନୁସାରେ ଖୋଲାରହିବ । ଅଯଥାରେ ଗ୍ରାମରେ ବୁଲିବାକୁ ବାରଣ କରାଯାଇଛି ।



ଶଟ୍‌ଡାଉନ୍ ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଯାଉଛି।

## ସୁସ୍ଥ ହୋଇ କାର୍ଯ୍ୟରେ ଯୋଗଦେଲେ ୧୨ ପୋଲିସ

ଛତ୍ରପୁର,୨୦।୭(ଡି.ଏନ.ଏ.)

**ରିଟୁଇଟ କଲେ ମୁଖ୍ୟମନ୍ତ୍ରୀ**

ଗଞ୍ଜାମ ଜିଲାର ୧୨ ଜଣ ପୋଲିସ ଯୋଦ୍ଧା କରୋନା ସଂକ୍ରମିତ ହୋଇ ସୁସ୍ଥ ହେବା ପରେ ରବିବାର ପୁଣି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏମାନେ ଆସିକା ଓ ଭଞ୍ଜନଗର ଥାନାରେ କାର୍ଯ୍ୟ କରୁଥିବାବେଳେ ସଂକ୍ରମିତ ହୋଇଥିଲେ। ଏ ସମ୍ପର୍କରେ ଗଞ୍ଜାମ ଏସ୍‌ପିଙ୍କ ଟୁଇଟ ଉପରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରିଟୁଇଟ କରିଛନ୍ତି। ସେହିପରି ପ୍ରତି କରୋନା ଯୋଦ୍ଧାଙ୍କ ପାଇଁ ଆମେ ଗର୍ବିତ ବୋଲି ସୋମବାର ଡିଜିପି ଅଭୟ ଟୁଇଟ କରି କହିଛନ୍ତି। ଏହାପୂର୍ବରୁ କରୋନାକୁ ହରାଇ ପୁଣି ଥରେ କାର୍ଯ୍ୟରେ ଯୋଗଦେଇଥିବା ଏହି ହିରୋମାନଙ୍କ ପାଇଁ ଆମେ ଗର୍ବିତ ବୋଲି ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଟୁଇଟ କରିଥିଲେ ।

# ଆକ୍ରାନ୍ତଙ୍କୁ ହୋମ୍ କ୍ୱାରାଣ୍ଟାଇନ ସୁବିଧା ନାହିଁ

ଭଞ୍ଜନଗର,୨୦।୭(ଡି.ଏନ.ଏ)

ଭଞ୍ଜନଗର ବ୍ଲକ ଓ ଏନ୍‌ଏସିରେ ଆକ୍ରାନ୍ତ ସଂଖ୍ୟା କମି ଆସୁଥିବା ବେଳେ ରବିବାର ପୁଣି ୨୩ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେଥିମଧରେ ୭ କରୋନା ଯୋଦ୍ଧା ଓ ୧୬ ଜଣ ସ୍ଥାନୀୟ ସଂକ୍ରମିତ। ୧୧ ଆକ୍ରାନ୍ତ ବ୍ଲକର ଗୋଲାପଡ଼ା, ତିଳିସିଙ୍ଗି, ଲାଲସିଂ, ବଡ଼କୋଦଣ୍ଡା ଆଦି ଅଞ୍ଚଳରୁ ଚିହ୍ନଟ ହୋଇଥିବା ବେଳେ ଅନ୍ୟମାନେ ସହରର ବୋଲି ଜଣାପଡ଼ିଛି। ରବିବାର ଚିହ୍ନଟ ଆକ୍ରାନ୍ତଙ୍କ ମଧରେ ଥିବା ଗୋଟିଏ ପରିବାରର ବାପା, ଝିଅ ସରକାରଙ୍କ ନୂଆ ନିୟମ ଅନୁସାରେ ହୋମ୍ କ୍ୱାରାଣ୍ଟାଇନରେ ରହି ଚିକିତ୍ସିତ ହେବାକୁ ଚାହିଁଥିଲେ। କୋଭିଡ୍ କେୟାର ସେଣ୍ଟର କର୍ମଚାରୀ ସେମାନଙ୍କୁ ଆଣିବା ପାଇଁ ଯାଇଥିବା ବେଳେ କୌଣସି କଥାକୁ ନେଇ ଆକ୍ରାନ୍ତଙ୍କ ପରିବାର ସହନ୍ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା । ପରେ ପୋଲିସ ଉପସ୍ଥିତିରେ ଉଭୟଙ୍କୁ କୋଭିଡ୍ କେୟାର ସେଣ୍ଟରକୁ ନିଆଯାଇଥିଲା। ସମସ୍ତଙ୍କୁ ହୋମ କ୍ୱାରାଣ୍ଟାଇନ ସୁବିଧା ଦିଆଗଲେ ସମସ୍ୟା ଉପୁଜିବା ଆଶଙ୍କା ଥିବାରୁ ପ୍ରଶାସନ କେତେକ ଲୋକଙ୍କୁ ହୋମ୍ କ୍ୱାରାଣ୍ଟାଇନ୍ ସୁବିଧା ଦେବାକୁ ଅନିଚ୍ଛୁକ ଥିବା ଜଣାପଡ଼ିଛି। ସୋମବାର ସୁଦ୍ଧା ଭଞ୍ଜନଗର ସହରରେ ଜଣେ ମାତ୍ର ଆକ୍ରାନ୍ତ ହୋମ କ୍ୱାରାଣ୍ଟାଇନରେ ଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ କରୋନା କିଭଳି କମିବ ସେନେଇ ସୋମବାର ସହରର ଆରସିରୋଡ଼ର ଏକ ଅନୁଷ୍ଠାନରେ ହୋମ ଯଜ୍ଞ ହୋଇଛି । ଅନୁଷ୍ଠାନର ୪ କର୍ମକର୍ତ୍ତାଙ୍କୁ ନେଇ ହୋମ ଯଜ୍ଞ ସମ୍ପନ୍ନ ହୋଇଛି।

# ୨ ହଜାର ଟଙ୍କା ଦାବିରେ ପଞ୍ଚାୟତ ଅଫିସ ଘେରାଉ

କବିସୂର୍ଯ୍ୟନଗର,୨୦।୭

ସଙ୍ଗରୋଧ କେନ୍ଦ୍ର ଫେରନ୍ତା ପ୍ରବାସୀଙ୍କୁ ସରକାରୀ ପ୍ରୋତ୍ସାହନ ରାଶି ୨ ହଜାର ଟଙ୍କା ଦେବାରେ ବିଳମ୍ବ ଦେଖାଦେଇଛି। ଏହାକୁ ଆଧାର କରି ଏବେ ଗାଁରେ ବିଦ୍ରୋହ ଦେଖାଦେଲାଣି। ଏହାଦ୍ୱାରା କରୋନା ନିୟମ ପାଳନ ହେଉ ନ ଥିବା ଦେଖିବାକୁ ମିଳିଛି। ସୋମବାର ୫୦୦ରୁ ଉର୍ଦ୍ଧ୍ୱ ପ୍ରବାସୀ ୧ ହଜାର ବଦଳରେ ୨ ହଜାର ଟଙ୍କା ପ୍ରାପ୍ୟ ଦାବି କରି ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରି ହୋହାଲ୍ଲା କରିଥିଲେ। କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ସିଆଳିଆ ପଞ୍ଚାୟତର ୪ ଗ୍ରାମର ୫୦୦ରୁ ଉର୍ଦ୍ଧ୍ୱ ପ୍ରବାସୀ ସଙ୍ଗରୋଧରେ ୨୧ ଦିନ ରହି ଫେରିଥିଲେ। କିନ୍ତୁ ସରକାରଙ୍କ ଘୋଷଣା ପ୍ରକାରେ ୨ ମାସରୁ ଉର୍ଦ୍ଧ୍ୱ ହେଲା ପ୍ରୋତ୍ସାହନ ରାଶି ମିଳି ନ ଥିଲା। ଅସନ୍ତୋଷ ପ୍ରକାଶ କରି ସେମାନେ ପଞ୍ଚାୟତ ଅଫିସ ଘେରାଉ କରିଥିଲେ। କିନ୍ତୁ ପଞ୍ଚାୟତ ପକ୍ଷରୁ ଦିଆଯାଇଥିବା ୧ ହଜାର ଟଙ୍କା ଗ୍ରହଣ କରି ନ ଥିଲେ। ୨ ହଜାର ଟଙ୍କା ପାଇବାକୁ ଅଡ଼ି ବସିଥିଲେ। ଶେଷରେ ବିଡିଓ ବାସୁଦେବ ନାୟକ ମଙ୍ଗଳବାରଠାରୁ ସମସ୍ତ ପ୍ରବାସୀଙ୍କୁ ୨ ହଜାର ଟଙ୍କା ଲେଖାଏ ଦେବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହା ପୂର୍ବରୁ ବୋଲସର, ବୁଢ଼ାମ୍ବ, ବଣମହୁରୀରେ ପ୍ରବାସୀମାନେ ପଞ୍ଚାୟତ ଘେରାଉ କରି ହୋହାଲ୍ଲା କରିଥିଲେ। ବିଡିଓ ନାୟକ କହିଛନ୍ତି, ମଙ୍ଗଳବାରରୁ ସମସ୍ତ ଫେରନ୍ତା ପ୍ରବାସୀଙ୍କୁ ସରକାରଙ୍କ ଘୋଷଣା ମୁତାବକ ପ୍ରୋତ୍ସାହନ ରାଶି ୨ ହଜାର ପ୍ରଦାନ କରାଯିବ।

**ମଙ୍ଗଳବାରରୁ ମିଳିବ ଟଙ୍କା**



ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିବା ପ୍ରବାସୀ ।

